## ସଂକ୍ଷେପରେ

### ସାମାଜିକ କର୍ମୀଙ୍କ ଶ୍ରାଦ୍ଧବାର୍ଷିକ

ଛେଣ୍ଡିପଦା,୨୨।୫(ଅଜିତ ଧଳ)

ଛେଣ୍ଡିପଦା ବ୍ଲକ ତୁକୁଡା ପଞ୍ଚାୟତ ଓଡକପା ଗ୍ରାମର ଯୁବ ସାମାଜିକ କର୍ମୀ ସ୍ୱର୍ଗତ ଅଲେଖ ପ୍ରଧାନଙ୍କ ସପ୍ତମ ଶ୍ରାଦ୍ଧ ବାର୍ଷିକ ପାଳିତ ହୋଇଯାଇଛି। ଉକ୍ତ ଶ୍ରାଦ୍ଧଦିବସ ଗ୍ରାମ ସଭାପତି ନିରଞ୍ଜନ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଜନାର୍ଦ୍ଦନ ସାହୁ, ପ୍ରତାପ ପ୍ରଧାନ, ସୁମନ୍ତ ସାହୁ, ୱାର୍ଡ ସଭ୍ୟ ଚୈତନ୍ୟ ନାଏକ, ଅପିନ୍ଦ୍ର ଦେହୁରୀ, ସ୍ୱର୍ଗତ ପ୍ରଧାନଙ୍କ କନ୍ୟା ରୋଜାଲିନ ପ୍ରଧାନଙ୍କ ସମେତ ଆଖପାଖ ଅଞ୍ଚଳର ଗ୍ରାମବାସୀ ଉପସ୍ଥିତ ରହି ସ୍ୱର୍ଗତ ପ୍ରଧାନଙ୍କ ପ୍ରତିମୂର୍ତ୍ତି ଓ ଫଟୋଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହି ଅବସରରେ ବକ୍ତାମାନେ ତାଙ୍କର ଗ୍ରାମ ଓ ଅଞ୍ଚଳ ପ୍ରତି ଥିବା ଅବଦାନ, ନିସ୍ୱାର୍ଥପର ସମାଜସେବା ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ତାଙ୍କ ପରିବାରବର୍ଗ, ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

# ଓଡ଼ିଶାରେ ଓଡ଼ିଆ ଲୋକଙ୍କ ଶାସନ ଦରକାର

### ଛେଣ୍ଡିପଦାରେ ଧର୍ମେନ୍ଦ୍ରଙ୍କ ବିଜୟ ସଂକଳ୍ପ ସମାବେଶ


ବିଜୟ ସଂକଳ୍ପ ସମାବେଶରେ କେନ୍ଦ୍ରମନ୍ତ୍ରୀଙ୍କୁ ସ୍ୱାଗତ କରାଯାଉଛି।

ଛେଣ୍ଡିପଦା,୨୨।୫ (ଅମିତ କୁମାର ସାମଲ)

ଓଡ଼ିଶାରେ ଓଡ଼ିଆ ଲୋକଙ୍କ ଶାସନ ଦରକାର। ତେଣୁ ଓଡ଼ିଶାରେ ସରକାର ପରିବର୍ତ୍ତନ ହେବା ଆବଶ୍ୟକ। ଅନୁଗୋଳ ଜିଲା ଛେଣ୍ଡିପଦାସ୍ଥିତ ଜଗନ୍ନାଥ ମନ୍ଦିର ସମ୍ମୁଖ ପଡ଼ିଆରେ ବୁଧବାର ଭାଜପାର ବିଜୟ ସଂକଳ୍ପ ସମାବେଶରେ ଯୋଗଦେଇ କେନ୍ଦ୍ର ଶିକ୍ଷାମନ୍ତ୍ରୀ ତଥା ସମ୍ବଲପୁର ଲୋକ ସଭା କ୍ଷେତ୍ରର ଭାଜପା ଏମ୍‌ପି ପ୍ରାର୍ଥୀ ଧର୍ମେନ୍ଦ୍ର ପ୍ରଧାନ ଏହା କହିଛନ୍ତି।

କେନ୍ଦ୍ରମନ୍ତ୍ରୀ କହିଛନ୍ତି, ଛେଣ୍ଡିପଦା ବିଧାନସଭା ନିର୍ବାଚନମଣ୍ଡଳୀ ଅଞ୍ଚଳରେ ଘରକୁ ପାଣି ନାହିଁ, ସ୍କୁଲରେ ଶିକ୍ଷକ ନାହାନ୍ତି, ଡାକ୍ତରଖାନାରେ ଡାକ୍ତର ନାହାନ୍ତି, ଶୀତଳଭଣ୍ଡାର ନାହିଁ । ତେଣୁ ଏଠାରେ ଭାଜପା ପ୍ରାର୍ଥୀ ଅଗସ୍ତି ବେହେରା ବିଜୟୀ ହେବେ ଏସବୁ ସମସ୍ୟାର ସମାଧାନ ହେବ। ସେହିପରି ଓଡ଼ିଶାରେ ଭାଜପା ସରକାର ଆସିଲେ ମହିଳାମାନଙ୍କୁ ସୁଭଦ୍ରା ଯୋଜନାରେ ୨କୋଟି ଟଙ୍କାର ଅନୁଦାନ ସହ ସ୍ୱୟଂସହାୟକ ଗୋଷ୍ଠୀକୁ ୨୦ଲକ୍ଷ ଟଙ୍କା ଋଣ ଦିଆଯିବ। ଭତ୍ତା ୩ ହଜାର ଟଙ୍କା, ବିକଳାଙ୍ଗଙ୍କ ପାଇଁ ୩୫୦୦ ଟଙ୍କା, ୩ଶହ ୟୁନିଟ ମାଗଣା ବିଜୁଳି, ସମସ୍ତଙ୍କୁ ପକ୍କା ଘର ଯୋଗାଇ ଦିଆଯିବ। ଏହି ସଭାରେ ଛେଣ୍ଡିପଦା ବିଧାୟକ ପ୍ରାର୍ଥୀ ଅଗସ୍ତି ବେହେରା, ନିର୍ବାଚନମଣ୍ଡଳୀ ପ୍ରଭାରୀ ଦିଲିପ ପ୍ରଧାନ, ନାରୀ ନେତ୍ରୀ ବିଜୟଲକ୍ଷ୍ମୀ ଗଡନାୟକ, ଜିଲା ଉପସଭାପତି ଚୌଧୁରୀ ପ୍ରଧାନ, ଅଶୋକ କୁମାର ପ୍ରଧାନ, ଦିଲୀପ କୁମାର ବେହେରା, ଧୀର ମହାପାତ୍ର, ଚିତ୍ରସେନ ସାହୁ, ଗୋପବନ୍ଧୁ ଗଡନାୟକ, ଅକ୍ଷୟପାଦ ବେହେରା, ସୁଧାକର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଧୋବେଇ ସାହୁ, ସିଦ୍ଧାର୍ଥ ଶଙ୍କର ସାହୁ, କରୁଣାକର ସାହୁ, ତ୍ରିବେଣୀ ସାହୁ, ଜଗଦୀଶ ସାହୁ, ଯୁଗଳକିଶୋର ଦେହୁରୀ, ବିକାଶ ସାହୁ ପ୍ରମୁଖ ବହୁ ସଂଖ୍ୟାରେ ଦଳୀୟ କର୍ମକର୍ତ୍ତାଙ୍କ ସହ କର୍ମୀ ଯୋଗ ଦେଇଥିଲେ।

# ତାଳଚେର ବିଜେଡି ଲିଗାଲ ଫ୍ରଣ୍ଟର ବୈଠକ

ତାଳଚେର,୨୨।୫(ମନୋଜ ନନ୍ଦ)

ତାଳଚେର ବିଜେଡି ଲିଗାଲ ଫ୍ରଣ୍ଟର ଏକ ବୈଠକ ସ୍ଥାନୀୟ ଏକ ହୋଟେଲ୍‌ଠାରେ ଅନୁଷ୍ଠିତ ହୋଇଯାଇଛି। ତାଳଚେର ଲିଗାଲ ଫ୍ରଣ୍ଟର କନ୍‌ଭେନର ହରେକୃଷ୍ଣ ପାତ୍ର ଏଥିରେ ସଭାପତିତ୍ୱ କରିଥିଲେ। ଅତିଥି ଭାବେ ତାଳଚେର ବାର୍ ଆସୋସିଏଶନ୍ ସଭାପତି ଚିତ୍ତରଞ୍ଜନ ରାଉତ, ପୂର୍ବତନ ସଭାପତି ଅକ୍ଷୟ ପାଣି ଉପସ୍ଥିତ ଥିଲେ। ବୈଠକରେ ଲିଗାଲ୍ ଫ୍ରଣ୍ଟର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ଚଳିତ ନିର୍ବାଚନ ପାଇଁ ବିଜୁ ଜନତା ଦଳ ତରଫରୁ ଢେଙ୍କାନାଳ ଏମ୍‌ପି ପ୍ରାର୍ଥୀ ଅବିନାଶ ସାମଲ ଓ ବିଧାୟକ ପ୍ରାର୍ଥୀ ବ୍ରଜକିଶୋର ପ୍ରଧାନଙ୍କୁ ଶଙ୍ଖ ଚିହ୍ନରେ ଜୟଯୁକ୍ତ କରିବା ପାଇଁ ଅନୁରୋଧ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସରକାରୀ ଓକିଲ ଗିରିଜା ଶଙ୍କର ମିଶ୍ର, ସୁଶାନ୍ତ ସାହୁ, ନରେଶ ଚନ୍ଦ୍ର ନାଏକ, ରାଜେନ୍ଦ୍ର ପ୍ରଧାନ, ରଣଜିତ୍ ଘୋଷ, ଆଇନଜୀବୀ ନିମାଇଁ ଚରଣ ମହାନ୍ତି, ଭୀମସେନ୍ ସାହୁ, ବିଜୟ ସାହୁ, ବିରେନ୍ଦ୍ର ନନ୍ଦ, କରୁଣାକର ନାୟକ, ସର୍ବେଶ୍ୱର ନାଏକ, ମହିଳା ଆଇନ୍‌ଜୀବୀ ଅନିତା ଲାଲ୍, ସ୍ୱର୍ଣ୍ଣଲତା ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।




# ସଞ୍ଜୀବଙ୍କ ପାଇଁ ଭୋଟ ମାଗିଲେ ସିଦ୍ଧାନ୍ତ

ବଈଣ୍ଡା,୨୨।୫(ପରିକ୍ଷିତ ସାହୁ)

ଅନୁଗୋଳ ଜିଲା ଆଠମଲ୍ଲିକ ବିଧାନସଭା ନିର୍ବାଚନମଣ୍ଡଳୀର ଭାଜପା ପ୍ରାର୍ଥୀ ସଞ୍ଜୀବ ସାହୁଙ୍କ ପାଇଁ ଭୋଟ ଭିକ୍ଷା କରିଛନ୍ତି ଓଲିଉଡ୍ ଅଭିନେତା ସିଦ୍ଧାନ୍ତ ମହାପାତ୍ର। ମଙ୍ଗଳବାର ରାତିରେ ଠାକୁରଗଡ଼, କୁରୁମଟାପ, କୃତ୍ତିବାସପୁର ପଞ୍ଚାୟତର ୨୦ରୁ ଅଧିକ ଗ୍ରାମରେ ବୁଲି ସିଦ୍ଧାନ୍ତ ପ୍ରଚାର କରିଥିଲେ। ବିଭିନ୍ନ ଗ୍ରାମରେ ବାଇକ୍ ରାଲି ସହ ରୋଡ୍ ଶୋ’ କରିଥିଲେ। ଯୋଡି ଫୁଲରେ ଭୋଟ ଦେବା ପାଇଁ ଲୋକଙ୍କୁ ଅନୁରୋଧ କରିଥିଲେ। ଓଡ଼ିଶାରେ ଭାଜପା ସରକାର ଗଠନ ହେଲେ ସମଗ୍ର ଆଠମଲ୍ଲିକର ବିକାଶ ହେବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାଜପା ନେତ୍ରୀ ଲୀନା ସାଏ, ଭାଜପା ଯୁବ ନେତା ଓମ ପ୍ରକାଶ ସାହୁ, ରୋହିତ ନାୟକ, ସିଦ୍ଧେଶ୍ୱର ପ୍ରଧାନ, ଗଗନ ବାରିକ, ପ୍ରଭାକର ପ୍ରଧାନ, ଭାରତ ଚନ୍ଦ୍ର ସାହୁ ଉପସ୍ଥିତ ଥିଲେ।


ରୋଡ୍ ଶୋ’ କରୁଛନ୍ତି ଓଲିଉଡ୍ ଅଭିନେତା ସିଦ୍ଧାନ୍ତ ମହାପାତ୍ର।

# ଏନ୍‌ଏଚ୍ ୫୫ରେ ପୁଣି ୧୫ ଦିନ ବଢ଼ିଲା କଟକଣା

ଅନୁଗୋଳ,୨୨।୫(ଅମିତ ସାମଲ)

ଅନୁଗୋଳ ଦେଇ ଯାଇଥିବା ଜାତୀୟ ରାଜପଥ ନଂ ୫୫ରେ ପୁଣି ୧୫ ଦିନ କଟକଣାକୁ ବୃଦ୍ଧି କରାଯାଇଛି। ଏହି କଟକଣା ସମୟରେ ବଅଁରପାଳରୁ ରନ୍ତଲେଇ ପର୍ଯ୍ୟନ୍ତ ଭାରୀଯାନ ଚଳାଚଳ କରିପାରିବ ନାହିଁ ବୋଲି ଜିଲାପାଳ ମହମ୍ମଦ ଅବଦଲ ଅଖତାର ନିର୍ଦ୍ଦେଶନାମା ଜାରି କରିଛନ୍ତି। ସକାଳ ୯ଟାରୁ ରାତି ୯ଟା ପର୍ଯ୍ୟନ୍ତ କୌଣସି ଭାରିଯାନ ଯାତାୟାତ କରିପାରିବ ନାହିଁ। ନାଲ୍‌କୋରୁ କୋଇଲା ଖାଲି କରି ଆସୁଥିବା ଗାଡ଼ି ଗୁଡ଼ିକ ପାଇଁ ଏହି କଟକଣା ଲାଗୁ ହେବ ନାହିଁ। ଏନେଇ ସ୍ଥାନୀୟ ଥାନାକୁ ଅବଗତ କରାଯାଇଛି। କଟକଣା ସମୟରେ ଜାତୀୟ ରାଜପଥ ମରାମତି କାର୍ଯ୍ୟ ଜାରି ରହିବ। ଫେବୃଆରୀରୁ ଏହି କଟକଣା ଲାଗିଥିବାବେଳେ ପର୍ଯ୍ୟାୟ କ୍ରମେ ବଢ଼ିବାରେ ଲାଗିଛି।

# ୫୦ ଗ୍ରାମ ବୁଲି ଭୋଟ ମାଗିଲେ ନଳିନୀ


ଆଠମଲ୍ଲିକ ବିଜେଡି ବିଧାୟକ ପ୍ରାର୍ଥୀ ନଳିନୀକାନ୍ତ ପ୍ରଧାନ ପ୍ରଚାର କରୁଛନ୍ତି।

ବଈଣ୍ଡା,୨୨।୫(ପରିକ୍ଷିତ ସାହୁ)

ଆଠମଲ୍ଲିକ ବିଧାନସଭା ନିର୍ବାଚମଣ୍ଡଳୀ ଅଧୀନ କିଶୋରନଗର ବ୍ଲକର ୧୨ ନମ୍ବର ଜୋନ୍‌ରେ ବିଜେଡି ବିଧାୟକ ପ୍ରାର୍ଥୀ ନଳିନୀକାନ୍ତ ପ୍ରଧାନଙ୍କ ପକ୍ଷରୁ ଜୋରଦାର ପ୍ରଚାର କରାଯାଇଛି। ଅଙ୍ଗପଡ଼ା ପଞ୍ଚାୟତର ତୁରୁଡାରୁ ଏହି ପ୍ରଚାର ଆରମ୍ଭ କରାଯାଇ ଅଙ୍ଗପଡା, ଧଡରପାଳ, ସଞ୍ଚାମୁରା, ଝରାବେରେଣୀ, ଆମ୍ବପାଳ, ଠେଲକନାଳି, ନାକ୍ଚି, ଉରୁକୁଳା ପଞ୍ଚାୟତର ୫୦ ଗ୍ରାମରେ ପ୍ରଚାର କରାଯାଇଥିଲା। ବିଧାୟକ ପ୍ରାର୍ଥୀ ନଳିନୀ ଗାଁ ଗାଁ ବୁଲି ତାଙ୍କୁ ଆଶୀର୍ବାଦ କରିବା ପାଇଁ ଲୋକଙ୍କୁ ଆନୁରୋଧ କରିଥିଲେ। ଗତ ୫ ବର୍ଷରେ କୌଣସି ପଦ ପଦବୀରେ ନ ଥାଇ ଏହି ଅଞ୍ଚଳର ଅନେକ ବିକାଶ କରିଥିବା କହିବା ସହ ଆଗକୁ ଆହୁରି ବିକାଶ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ୱତନ୍ତ୍ର ଆଦିବାସୀ ଉନ୍ନୟନ ପରିଷଦ ଅଧ୍ୟକ୍ଷ ସଦାଶିବ ନାୟକ, ଜିଲା ପରିଷଦ ସଦସ୍ୟା ଅନୁପମା ସାହୁ, କାଳନ୍ଦୀ ଚରଣ ପ୍ରଧାନ, ବିଜେଡି ନେତା ସନ୍ତୋଷ ପ୍ରଧାନ, ଦାମୋଦର ବେହେରା, ସରପଞ୍ଚ ଜିତେନ୍ଦ୍ର ସାହୁ, କ୍ଷମାନିଧି ପ୍ରଧାନ, କମଳିନୀ ସାହୁ, ଶରତ ପ୍ରଧାନ, ସୁଲୋଚନା ବୀର, ଅମିତ ସାହୁ, ରାହାସ ସାହୁ, ବୁଦ୍ଧଦେବ ପ୍ରଧାନଙ୍କ ସମେତ ବହୁ ବିଜେଡି ନେତା ଯୋଗ ଦେଇଥିଲେ।

# କାଳନ୍ଦୀଙ୍କ ମାରାଥନ ପ୍ରଚାର

କଣିହାଁ,୨୨।୫(ସଚ୍ଚିଦାନନ୍ଦ ପ୍ରଧାନ)

କଣିହାଁ ବ୍ଲକ ଗଦାଶିଳା, ବିଜିଗୋଳ, କମରେଇ ପଞ୍ଚାୟତରେ ବୁଧବାର ତାଳଚେର ଭାଜପା ବିଧାୟକ ପ୍ରାର୍ଥୀ କାଳନ୍ଦୀ ସାମଲ ବିଶାଳ ବାଇକ ଶୋଭାଯାତ୍ରାରେ ମାରାଥନ ପ୍ରଚାର କରିଛନ୍ତି। ଏହି ଅବସରରେ ସେ କେନ୍ଦ୍ର ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଲୋକମାନଙ୍କୁ ଅବଗତ କରାଇଥିଲେ। ଏଥିସହିତ ପଦ୍ମ ଫୁଲରେ ଭୋଟ ଦେବାକୁ ଜନସାଧାରଣଙ୍କୁ ନିବେଦନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଭାଜପା ନେତା ଠାକୁର ରଣଜିତ୍ ଦାସ, ଭାଜପା ଅନଗୋଳ ଜୋନାଲ ମିଡିଆ ସେଲ ସଂଯୋଜକ ପର୍ଶୁରାମ ବାରିକ, ତାଳଚେର ବିଧାନ ସଭାର ପ୍ରଭାରୀ ସୋମନାଥ ରାଉତ, ତାଳଚେର ବିଧାନ ସଭାର ମିଡିଆ ସେଲ ଅଧ୍ୟକ୍ଷ ଶୁଶାନ୍ତ କୁମାର ସାମଲ, ମଣ୍ଡଳ ସଭାପତି ଦେବେନ୍ଦ୍ର ବାରିକ, କଣିହାଁ ମଣ୍ଡଳର ଭାଜପା ନେତା ଲୋକନାଥ ସାହୁ, ମଣ୍ଡଳ ସାଧାରଣ ସମ୍ପାଦକ କର୍ଣ୍ଣ କୁମାର ଭୂତିଆ, ମନୋଜ ପ୍ରଧାନ, ନିରୋଜ ପ୍ରଧାନ, ବାପୁଜୀ ସାହୁ, ଲିପୁ ସାହୁ, ପ୍ରଶାନ୍ତ ବେହେରା, ସୌଭାଗ୍ୟ ସାହୁ, ବିଚିତ୍ରା ନନ୍ଦ ଭୁତିଆଙ୍କ ସମେତ ଶତାଧିକ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।



# କାଳବୈଶାଖୀରେ ଭାଙ୍ଗିଲା ଘର



ବଈଣ୍ଡା, ୨୨।୫ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ସାନହୁଲା ପଞ୍ଚାୟତରେ ବୁଧବାର ଅପରାହ୍ନରେ କାଳ ବୈଶାଖୀ ହୋଇଛି। ପ୍ରବଳ ପବନ ସାଙ୍ଗକୁ ବର୍ଷା ହୋଇଥିବା ବେଳେ ଅନେକ ଗଛ ଭାଙ୍ଗିଯାଇଛି। ବିଶେଷକରି ଖଡରାମୁଣ୍ଡା ଗ୍ରାମରେ ଅତ୍ୟଧିକ ପବନ ହୋଇଥିବା ଯୋଗୁ ରାଜନ ନାୟକଙ୍କ ଘର ଆଜବେଷ୍ଟସ୍ ଛପର ଉଡିଯାଇଥିବା ବେଳେ ଅଲି ପ୍ରଧାନଙ୍କ ଚାଳ ଘର ଭାଙ୍ଗିଯାଇଛି। ସେହିପରି ନିରଞ୍ଜନ ସିଂଙ୍କ ଗୁହାଳ ଘରର ଛପର ଉଡିଯାଇଛି। ଏଥିସହ ଗ୍ରାମରେ ଅନେକ ଆମ୍ବ, କଦଳୀ ଗଛ ଭାଙ୍ଗିଯାଇଥିବା ବେଳେ ବହୁ ଚାଷୀ ଚିନ୍ତିତ ହୋଇ ପଡିଛନ୍ତି। ତୁରନ୍ତ ପ୍ରଶାସନ ପକ୍ଷରୁ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ସାଧାରଣରେ ଦାବି ହୋଇଛି।

# କୁଲାଡ଼ ଗ୍ରାମରେ ଭାଜପାର ପଦଯାତ୍ରା



ବଅଁରପାଳ,୨୨।୫(ସୁବାସ ସାହୁ)

ବଅଁରପାଳ ବ୍ଲକ କୁଲାଡ ଗ୍ରାମରେ ବୁଧବାର ଅନୁଗୋଳ ଭାଜପା ବିଧାୟକ ପ୍ରାର୍ଥୀ ପ୍ରତାପ ଚନ୍ଦ୍ର ପ୍ରଧାନ ନିର୍ବାଚନୀ ପଦଯାତ୍ରା କରିଥିଲେ। ପଦଯାତ୍ରାରେ କୁଲାଡ ଗ୍ରାମ ପରିକ୍ରମା କରି ପ୍ରତାପ ନିଜ ଦଳ ପାଇଁ ଭୋଟ ଦେବାକୁ ଗ୍ରାମବାସୀଙ୍କୁ ନିବେଦନ କରିଥିଲେ। ଏହି ପଦଯାତ୍ରାରେ ଗ୍ରାମର ବିନୋଦ ବିହାରୀ ସେଠ, ସରପଞ୍ଚ ଉଷାରାଣୀ ସ୍ୱାଇଁ, ସତ୍ୟବ୍ରତ ସ୍ୱାଇଁ, ରଞ୍ଜନ ଜେନା, ମୁକେଶ ଜେନା, ସୂର୍ଯ୍ୟକାନ୍ତ ଦେହୁରୀ, ସୋମନାଥ ବେହେରା, ଆବାହକ ଦେଓ, ବିଭୂତି ମହାପାତ୍ର, ସୁଶୀଲ ବିଶୋଇ, ଲିଟୁ ସିଂହ, ପ୍ରଶାନ୍ତ ପାତ୍ର, ସୂର୍ଯ୍ୟକାନ୍ତ ସ୍ୱାଇଁ, ବାବୁଲି ସ୍ୱାଇଁ, ସୁବ୍ରତ ସେଠ, ଜଗନ୍ନାଥ ସେଠଙ୍କ ସମେତ ଶତାଧିକ ଗ୍ରାମବାସୀ ଏହି ପଦଯାତ୍ରାରେ ସାମିଲ ହୋଇଥିଲେ।

# କଣିହାଁ ବନାଞ୍ଚଳରେ ହାତୀ ଉପଦ୍ରବ

କଣିହାଁ,୨୨।୫(ସଚ୍ଚିଦାନନ୍ଦ ପ୍ରଧାନ)



ଅନୁଗୋଳ ଜିଲା କଣିହାଁ ବନାଞ୍ଚଳ ହନୁମାନପୁର ବନପାଳ ଅଧୀନ ସଂରକ୍ଷିତ ଜଙ୍ଗଲରେ ବୁଧବାର ଏକ ଦାନ୍ତା ହାତୀ ଉପଦ୍ରବ ଚଳାଇଛି। ଫଳରେ ସ୍ଥାନୀୟ ଅଞ୍ଚଳବାସୀ ଭୟଭୀତ ହୋଇପଡ଼ିଛନ୍ତି। ଅପରାହ୍ନରେ କଣିହାଁରୁ ରେଙ୍ଗାଳିକୁ ସଂଯୋଗ କରୁଥିବା ୫୩ ନମ୍ବର ଜାତୀୟ ରାଜପଥ ବ୍ରାହ୍ମଣଦେଇ ଆଶ୍ରମ ନିକଟରେ କିଛି ସମୟ ଦନ୍ତାଟି ଚଳପ୍ରଚଳ କରିବା ପରେ ଜଙ୍ଗଲକୁ ଯାଇଥିଲା। ନିକଟସ୍ଥ ଜଙ୍ଗଲ ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ଦଳକ ପଞ୍ଚାୟତ ନାଲମ ଗ୍ରାମରେ ନୃସିଂହନାଥଙ୍କ ବାର୍ଷିକ ଯାତ୍ରା ଉତ୍ସବ ପାଳନ ହେଉଛି। ଯାତ୍ରା ଦେଖିବାକୁ ଆଶାୟୀ ଶ୍ରଦ୍ଧାଳୁଙ୍କ ମନରେ ଯାତାୟାତ ସୁରକ୍ଷାକୁ ନେଇ ଆଶଙ୍କା ଉପୁଜିଛି। ଏ ନେଇ କଣିହାଁ ସହକାରୀ ବନ ସଂରକ୍ଷକ ନୀଳମଣି ଦେହୁରୀ କହିଛନ୍ତି, ଉକ୍ତ ହାତୀଟି କୌଣସି କାରଣରୁ ଛେଣ୍ଡିପଦା ବନାଞ୍ଚଳରେ ଆହତ ହୋଇଥିଲା। ବନଖଣ୍ଡ ତରଫରୁ ଚିକିତ୍ସା ପରେ ହାତୀ ଗତିବିଧି ଉପରେ ନଜର ରଖିବା ପାଇଁ ଜିପିଏସ୍ ଲଗାଯାଇଛି। ୨ ମାସ ହେଲା ଏହି ହାତୀ କଣିହାଁ ବନାଞ୍ଚଳରେ ରହିଛି। ହାତୀର ଯାତାୟାତ ନେଇ ଭୟଭୀତ ହେବାର କୌଣସି କାରଣ ନାହିଁ। ହାତୀ ଗତିବିଧି ଉପରେ ସ୍ୱତନ୍ତ୍ର ଟିମ୍ ନଜର ରଖିଛି।

# ନିର୍ବାଚନ ପାଇଁ ଜିଲାପାଳ ଜାରିକଲେ ନିର୍ଦ୍ଦେଶନାମା

ଅନୁଗୋଳ,୨୨।୫(ଅମିତ ସାମଲ)

ଆସନ୍ତା ୨୫ ତାରିଖରେ ଢେଙ୍କାନାଳ ଓ ସମ୍ବଲପୁର ଲୋକସଭା କ୍ଷେତ୍ରର ୫ଟି ନିର୍ବାଚନ ମଣ୍ଡଳୀରେ ମତଦାନ ଅନୁଷ୍ଠିତ ହେବ। ମତଦାନର ୪୮ ଘଣ୍ଟା ପୂର୍ବରୁ ଅର୍ଥାତ୍ ଗୁରୁବାରଠାରୁ ଅନୁଗୋଳ ଜିଲାର କୌଣସି ସ୍ଥାନରେ ରାଜନୈତିକ ସଭାଠାରୁ ଆରମ୍ଭ କରି ପ୍ରଚାର ହୋଇପାରିବ ନାହିଁ। ଏନେଇ ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ମହମ୍ମଦ ଅବଦଲ ଅଖତାର ନିର୍ଦ୍ଦେଶନାମା ଜାରି କରିଛନ୍ତି। ନିର୍ବାଚନ ପାଇଁ ଜିଲା ପ୍ରଶାସନ ପକ୍ଷରୁ ଗୁରୁବାରଠାରୁ କଟକଣା ରବିବାର ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଲଗାଯାଇଛି।

### ଆଜି ସରିବ ପ୍ରଚାର

ଏହି ସମୟରେ ଅନୁଗୋଳର କୌଣସି ସ୍ଥାନରେ ସାଧାରଣ ସଭା ଅନୁଷ୍ଠିତ ହୋଇପାରିବ ନାହିଁ। ଗୋଟିଏ ସ୍ଥାନରେ ୫ ଜଣରୁ ଊର୍ଦ୍ଧ୍ୱ ଲୋକ ମେଳି ହୋଇପାରିବେ ନାହିଁ। କୌଣସି ରାଜନୈତିକ କାର୍ଯ୍ୟକ୍ରମ ଅନୁଗୋଳ ଜିଲାର ୫ଟି ନିର୍ବାଚନ ମଣ୍ଡଳୀରେ ଅନୁଷ୍ଠିତ ହେବ ନାହିଁ। ଏଥିସହ ଢେଙ୍କାନାଳ ଓ ସମ୍ବଲପୁର ନିର୍ବାଚନ ମଣ୍ଡଳୀରେ କୌଣସି ଦଳୀୟ ଲୋକ କିମ୍ବା ଭୋଟର ନ ହୋଇଥିଲେ ତୁରନ୍ତ ଗୁରୁବାର ସନ୍ଧ୍ୟା ପୂର୍ବରୁ ଜାଗା ଛାଡ଼ିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ମତଦାନ କେନ୍ଦ୍ରରେ ଭୋଟରଙ୍କୁ କୌଣସି ରାଜନୈତିକ ନେତା କିମ୍ବା କର୍ମୀମାନେ ପ୍ରଭାବିତ କରିପାରିବେ ନାହିଁ। ମତଦାତାମାନେ ନିଜ ଗାଡ଼ିରେ ମତଦାନ କେନ୍ଦ୍ର ନିକଟକୁ ଯାଇପାରିବେ। ନଚେତ୍ ଅନ୍ୟ କୌଣସି ଗାଡ଼ି ମତଦାନ କେନ୍ଦ୍ରର ୨ଶହ ମିଟର ପର୍ଯ୍ୟନ୍ତ ରଖାଯାଇ ପାରିବ ନାହିଁ ବୋଲି ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ମତଦାନ କେନ୍ଦ୍ରର ଶହେ ମିଟର ମଧ୍ୟରେ କୌଣସି ପ୍ରକାର ଲୋକମାନେ ପାଟିତୁଣ୍ଡ ନ କରିବାକୁ ମଧ୍ୟ କୁହାଯାଇଛି। ଯେଉଁମାନଙ୍କୁ ଜେଡ୍ ପ୍ଲସ ସୁରକ୍ଷା କର୍ମୀ ପ୍ରଦାନ କରାଯାଇଛି, ସେମାନେ ଜଣେ ସୁରକ୍ଷାକର୍ମୀଙ୍କୁ ସାଧା ପୋଷାକରେ ଧରି ମତଦାନ କେନ୍ଦ୍ରକୁ ଆସିବେ। ଏଥିସହ ଗୁରୁବାର ମଧ୍ୟାହ୍ନ ୧୨ଟାରୁ ମଦ ଦୋକାନ ଗୁଡ଼ିକୁ ବନ୍ଦ କରିବାକୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ଯେଉଁମାନେ ନିର୍ବାଚନ ସମୟରେ ଗଣ୍ଡଗୋଳ କିମ୍ବା ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରିବେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଏହି ନିର୍ଦ୍ଦେଶନାମା ଆସନ୍ତା ୨୬ ତାରିଖ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ବଳବତ୍ତର ରହିବ ବୋଲି କୁହାଯାଇଛି।




## ଆମ୍ବତୋଟା କୂଅରୁ ଗଳିତ ମୃତଦେହ ଜବତ

କାମାକ୍ଷାନଗର,୨୨ା୫ (ଅମଜାଦ ଖାନ)

କାମାକ୍ଷାନଗର ବ୍ଲକ ମାଳପୁରା ଗ୍ରାମ ଏକ ଆମ୍ବ ତୋଟାରେ ଥିବା କୂଅରୁ କାମାକ୍ଷାନଗର ପୋଲିସ ଗଳିତ ମୃତଦେହ ଜବତ କରିଛି। ପ୍ରାୟ ୫/୬ ଦିନ ତଳୁ ମୃତଦେହ ସେଠାରେ ପଡ଼ିଥିବା ପୋଲିସ ଅନୁମାନ କରୁଛି। ସେହି ବାଟ ଦେଇ ଯାଉଥିବା ଜଣେ ଗାଈଚରାଳି ଦୁର୍ଗନ୍ଧ ସମ୍ପର୍କରେ ଜାଣି ଗ୍ରାମବାସୀଙ୍କୁ ଜଣାଇଥିଲେ। ଖବରପାଇ କାମାକ୍ଷାନଗର ପୋଲିସ ସେଠାରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଛି। ମୃତଦେହ କୌଣସି ଅଚିହ୍ନା ଲୋକଙ୍କ ହୋଇଥିବାରୁ କେହି ତାଙ୍କୁ ହତ୍ୟା କରି ଫିଙ୍ଗି ଦେଇଥାଇପାରେ ବୋଲି ସନ୍ଦେହ କରାଯାଉଛି। ତଦନ୍ତ ପରେ ସତ୍ୟାସତ୍ୟ ଜଣାପଡିବ ବୋଲି ପୋଲିସ କହିଛି।

# ଭାଜପା ପାଇଁ ଭୋଟ ମାଗିଲେ ଅରୁଣ ଗୋଭିଲ

## ଢେଙ୍କାନାଳରେ କଲେ ରୋଡ୍ ଶୋ'

ଢେଙ୍କାନାଳ,୨୨ା୫(ରତନ ନାୟାର)

ରାମାୟଣ ଧାରାବାହିକର ରାମ ଭୂମିକାରେ ଅଭିନୟ କରିଥିବା ଅଭିନେତା ତଥା ଭାଜପା ନେତା ଅରୁଣ ଗୋଭିଲ ବୁଧବାର ଢେଙ୍କାନାଳ ସହରରେ ଭାଜପା ପାଇଁ ଭୋଟ ମାଗିଛନ୍ତି। ଅପରାହ୍ନ ସାଢେ ୩ଟାରେ ଭାଜପା ପକ୍ଷରୁ ଆୟୋଜିତ ଏକ ରୋଡ୍ ଶୋ'ରେ ସାମିଲ ହୋଇ ଗୋଭିଲ ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିଥିଲେ। ମହାପ୍ରଭୁ ଶ୍ରୀବଳରାମଙ୍କ ମନ୍ଦିରରେ ପହଞ୍ଚିବା ପରେ ପ୍ରଥମେ ସେଠାରେ



ଢେଙ୍କାନାଳ ସହରରେ ଭାଜପା ପାଇଁ ରୋଡ୍ ଶୋ' କରୁଛନ୍ତି ଅରୁଣ ଗୋଭିଲ।

ଶ୍ରୀଜୀଉଙ୍କ ପୂଜାର୍ଚ୍ଚନା କରିଥିଲେ। ପରେ ସେଠାରୁ ଭାଜପା ଏମ୍‌ପି ପ୍ରାର୍ଥୀ ରୁଦ୍ର ନାରାୟଣ ପାଣି ଓ ବିଧାୟକ ପ୍ରାର୍ଥୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ସହ ଏକ ବିଶାଳ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। ଏହି ଶୋଭାଯାତ୍ରା ବଳରାମ ମନ୍ଦିରଠାରୁ ବାହାରି ରଥଗଡା, ଗଣେଶ ବଜାର, ମହାବୀର ବଜାର, ଲକ୍ଷ୍ମୀବଜାର, ଜବାହାରଚୌକ, ମୀନାବଜାର, କାଞ୍ଚନ ବଜାର, ଆନନ୍ଦ ବଜାର ଦେଇ ବାଜିଚୌକଠାରେ ପହଞ୍ଚିଥିଲେ। ସେଠାରୁ ଅରୁଣ ଗୋଭିଲ ଫେରି ଯାଇଥିବା ବେଳେ ଏହି ରୋଡ୍ ଶୋ' କାଲଟାକ୍ସ ପର୍ଯ୍ୟନ୍ତ ଯାଇଥିଲା । ବାଦ୍ୟ ସଙ୍ଗୀତର ତାଳେତାଳେ ବହୁ ସଂଖ୍ୟାରେ ମହିଳା ମଧ୍ୟ ଏହି ଶୋଭାଯାତ୍ରାରେ ସାମିଲ ହୋଇଥିବା ଦେଖାଯାଇଥିଲା। ରାଜସ୍ଥାନର ଆଇନମନ୍ତ୍ରୀ ଯୋଗାରାମ ପଟେଲ, ଜିଲା ସଭାପତି ନରେଶଚନ୍ଦ୍ର ମହାପାତ୍ର, ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର, ବରିଷ୍ଠ ଭାଜପା ନେତା ରାମଚନ୍ଦ୍ର ପାତ୍ର, ନବକିଶୋର ଗୁରୁ, ହର୍ଷବର୍ଦ୍ଧନ ସିଂହଦେଓ, ଅକ୍ଷୟ ମହାନ୍ତି, କୋଦଣ୍ଡଧର ସାହୁ ପ୍ରମୁଖଙ୍କ ସମେତ ନେତୃବୃନ୍ଦ ଓ ଦଳୀୟ କର୍ମୀମାନେ ଉପସ୍ଥିତ ଥିଲେ।




## କାଳବୈଶାଖୀରେ ଭାଙ୍ଗିଲା ଅସ୍ଥାୟୀ କାଉଣ୍ଟର



ଆଠମଲ୍ଲିକ,୨୨ା୫(ଉଦିପ୍ତ ପୁରୋହିତ)

ଅନୁଗୋଳ ଜିଲା ଆଠମଲ୍ଲିକ କଲେଜ ପରିସରରେ ଇଭିଏମ୍ ଓ ଭିଭିପାଟ ସହିତ ପୋଲିଂ ପାର୍ଟିଙ୍କୁ ସୁରୁଖୁରୁରେ ବୁଥକୁ ପଠାଇବା ପାଇଁ ୨୫ ଟି ଅସ୍ଥାୟୀ କାଉଣ୍ଟର ନିର୍ମାଣ ହେବା ସହ ଲୋକଙ୍କ ରହିବା ପାଇଁ ବହୁ ଅସ୍ଥାୟୀ ଗୃହ ପ୍ରଶାସନ ତରଫରୁ ନିର୍ମାଣ ହୋଇଥିଲା। ହେଲେ ବୁଧବାର କାଳବୈଶାଖୀର ପ୍ରଭାବରେ ସବୁକିଛି ଅସ୍ତବ୍ୟସ୍ତ ହୋଇ ପଡ଼ିଥିଲା। କାଳବୈଶାଖୀର ପ୍ରଭାବରେ ବାଉଁଶ ଓ ଲୁହା ଖୁଣ୍ଟ ମୋଡିମାଡି ହୋଇ ଭାଙ୍ଗିଯିବା ସହିତ ପାଲ ଉଡ଼ାଇ ନେଇଥିଲା। ଖବରପାଇ ଏଡିଏମ ପ୍ରତାପ ପ୍ରୀତିମୟ, ଉପଜିଲାପାଳ ତଥା ରିଟର୍ନିଂ ଅଧିକାରୀ ଜିତେନ୍ଦ୍ର କୁମାର ପାତ୍ର, ଗୋଷ୍ଠି ଉନ୍ନୟନ ଅଧିକାରୀ ସୌଭାଗ୍ୟ ବେହେରା ,ସୂଚନା ଓ ଲୋକସଂପର୍କ ଅଧିକାରୀ ସୁଜିତ କୁମାର ଭୋଇ, ନିର୍ବାହୀ ଅଧିକାରୀ ଅବିନାଶ ମହାନ୍ତି, ଖାଦ୍ୟ ଯୋଗାଣ ଅଧିକାରୀ ଶିବାଶିଷ ଜେନା ପ୍ରମୁଖ ପହଞ୍ଚି ତଦାରଖ ଚଳାଇଛନ୍ତି।

# ଲୋକଙ୍କ ଆଶୀର୍ବାଦ ମାଗିଲେ ବ୍ରଜ

ତାଳଚେର,୨୨ା୫ (ମନୋଜ ପ୍ରଧାନ)

ତାଳଚେର ବିଧାନସଭା ନିର୍ବାଚନମଣ୍ଡଳୀର ବିଜେଡି ବିଧାୟକ ପ୍ରାର୍ଥୀ ବ୍ରଜ କିଶୋର ପ୍ରଧାନ ପ୍ରଚାରକୁ ଜୋର୍‌ଦାର କରିଛନ୍ତି। ପଦ୍ମାବତୀପୁର ଓ ଡେରା ପଞ୍ଚାୟତର ସମସ୍ତ ଗ୍ରାମରେ ବ୍ରଜ ନିର୍ବାଚନ ପ୍ରଚାର କରିବା ସହ ଏକ ବିକଶିତ ତାଳଚେର ଗଠନ ଦିଗରେ ସଭିଙ୍କ ସହଯୋଗ ଲୋଡିଛନ୍ତି। ମା', ମାଟି ଓ ସ୍ୱାଭିମାନର ଏ ଲଢେଇରେ ବିଜୁ ଜନତା ଦଳର ଢେଙ୍କାନାଳ ଲୋକ ସଭା କ୍ଷେତ୍ରର ଏମ୍‌ପି ପ୍ରାର୍ଥୀ ଡା. ଅବିନାଶ ସାମଲ ଓ ତାଙ୍କୁ ଶଙ୍ଖ ଚିହ୍ନରେ ଭୋଟ ଦେଇ ତାଳଚେର ବାସୀଙ୍କ ସେବା କରିବାର ସୁଯୋଗ ଦେବା ପାଇଁ ଆଶୀର୍ବାଦ କାମନା କରିଛନ୍ତି।



ତାଳଚେର ବିଜେଡି ବିଧାୟକ ପ୍ରାର୍ଥୀ ବ୍ରଜ କିଶୋର ପ୍ରଧାନଙ୍କୁ ମହିଳାମାନେ ବନ୍ଦାପନା କରୁଛନ୍ତି।

# ମହିମା ଗାଦିରେ ବୈଶାଖ ଶୁକ୍ଳ ଚତୁର୍ଦ୍ଦଶୀ ପାଳିତ

ଢେଙ୍କାନାଳ,୨୨ା୫(ରତନ ନାୟାର)

ଢେଙ୍କାନାଳ ଜିଲା ବିଶ୍ୱପ୍ରସିଦ୍ଧ ମହିମା ଧର୍ମର ପୀଠ ମହିମାଗାଦି ଯୋରନ୍ଦାରେ ବୁଧବାର ବୈଶାଖ ଶୁକ୍ଳ ଚତୁର୍ଦ୍ଦଶୀ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ସନ୍ଧ୍ୟା ୫ଟା ୫୦ମିନିଟରେ ଗାଦିମନ୍ଦିରରେ ଝାଡ ଦୀପରେ ଅଗ୍ନି ସଂଯୋଗ କରାଯାଇଥିଲା। ପ୍ରାତଃ ସମୟରୁ ରାତି ୮ଟା ପର୍ଯ୍ୟନ୍ତ ବହୁ ସଂଖ୍ୟାରେ ମହିମା ସାଧୁ ସନ୍ନ୍ୟାସୀ, ଭକ୍ତଙ୍କ ସମାଗମ ହୋଇଥିଲା। ପ୍ରାତଃ ସମୟରୁ ଗାଦି ମନ୍ଦିର, ଅଖଣ୍ଡ ଜ୍ୟୋତିମନ୍ଦିର ସମେତ ସମସ୍ତ ଉପାସନା ପୀଠରେ ମହିମା ସ୍ୱାମୀଙ୍କ ସମସ୍ତ ନୀତି ସମ୍ପନ୍ନ କରାଯାଇଥିଲା। ମଧ୍ୟାହ୍ନ ନୀତି ସମ୍ପନ୍ନ ପରେ ଅପରାହ୍ନ ୪ଟାରେ ସାନ୍ଧ୍ୟା ନୀତି ଆରମ୍ଭ ହୋଇଥିଲା। ପ୍ରଥମେ ଝାଡୁ ଦ୍ୱାରା ଗାଦି ମନ୍ଦିରକୁ ଶୋଧନ କରାଯାଇଥିଲା। ବରିଷ୍ଠ ନୀତି ସନ୍ନ୍ୟାସୀ ମାନେ ମନ୍ଦିରରେ ଚନ୍ଦନ, ଅଗୁର ସିଞ୍ଚନ କରି ପବିତ୍ର କରିବା ସହିତ ଛେରା ପହରା କରିଥିଲେ। ଗାଦି ମନ୍ଦିରରେ ଚାମର ସେବା ପରେ ସନ୍ଧ୍ୟା ୫ଟା ୫୦ମିନିଟରେ ପଶ୍ଚିମ ପାର୍ଶ୍ୱ ଝାଡଦୀପରେ ଅଗ୍ନି ସଂଯୋଗ କରାଯାଇ ପ୍ରଜ୍ୱଳିତ କରାଯାଇଥିଲା। ପରେ ପୂର୍ବ, ଉତ୍ତର ଓ ଦକ୍ଷିଣ ପାର୍ଶ୍ୱ ଝାଡରେ ଅଗ୍ନି ସଂଯୋଗ କରାଯାଇଥିଲା। ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବହୁ ଶ୍ରଦ୍ଧାଳୁ ଝାଡ ଦର୍ଶନ କରିଥିଲେ। ସତ୍ୟ ମହିମା ଧର୍ମଧାମ ପରିଚାଳନା କମିଟି ସଭାପତି ସୁକଦେବ ବାବା, ସମ୍ପାଦକ ନିତ୍ୟାନନ୍ଦ ବାବାଙ୍କ ପରାମର୍ଶ କ୍ରମେ ଶଙ୍କର ବାବା, ପ୍ରମୋଦ ବାବା, ବନମାଳୀ



ମହିମା ଗାଦିରେ ଶତାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଛି।

ବାବା, ବିଶ୍ୱାନନ୍ଦ ଦାସ ଓ ଶ୍ରୀକାନ୍ତ ଦାସ ପ୍ରମୁଖ ଗାଦିମନ୍ଦିରରେ ଝାଡଦୀପ ପରିଚାଳନା କରିଥିଲେ। ବନମାଳୀ ବାବାଙ୍କ ନେତୃତ୍ୱରେ ସାଧୁ ଅମୂଲ୍ୟ ଦାସ, ଦିବାକର ଦାସ, ସନ୍ତୋଷ ବୈରାଗୀ ପ୍ରମୁଖ ଭଜନ ପରିବେଷଣ କରିଥିଲେ। ଅଖଣ୍ଡ ଜ୍ୟୋତି ମନ୍ଦିରରେ କୌପୀନଧାରୀ ମହିମା ସମାଜ ସଭାପତି ରଘୁନାଥ ଦାସ, ସମ୍ପାଦକ ସୁଶାନ୍ତ ବାବା, ଅଲେଖ ବାବା, ଲାଲ ମୋହନ ବାବା, ସଞ୍ଜୟ ବାବା ଓ ସୁବ୍ରତ ବାବାଙ୍କ ପରିଚାଳନାରେ ଅପରାହ୍ନ ୫ଟା ୫୦ମିନିଟରେ ଝାଡନୀତି ପରିଚାଳିତ ହୋଇଥିଲା। ସହଦେବ ଦାସ, ବିଶୁ ଦାସ, ଲମ୍ବୋଦର ଦାସ ଓ ଅଲେଖ ଦାସଙ୍କ ପରିଚାଳନାରେ କୌପୀନଧାରୀ ମହିମା ସମାଜରେ ଭଜନ ନୀତି ଅନୁଷ୍ଠିତ ହୋଇଥିଲା।

# ସିନର୍ଜି ଇଞ୍ଜିନିୟରିଂ କଲେଜ ପକ୍ଷରୁ କର୍ମଶାଳା

ଢେଙ୍କାନାଳ,୨୨ା୫(ରତନ ନାୟାର)

ଢେଙ୍କାନାଳ ସିନର୍ଜି ଇଞ୍ଜିନିୟରିଂ କଲେଜ ପକ୍ଷରୁ 'ରୋଲ ଅଫ୍ ଆଇଏସ୍‌ଟିଇ ଇନ୍ କ୍ୟାରିୟର ଡେଭେଲପମେଣ୍ଟ' ସମ୍ପର୍କିତ ଏକ କର୍ମଶାଳା ମଙ୍ଗଳବାର କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ଓଡିଶା ସେକ୍ସନର ଆଇଏସ୍‌ଟିଇ ଚେୟାରମ୍ୟାନ ପ୍ରଫେସର ପ୍ରଭାତ କୁମାର ପର୍ହି, ସମ୍ମାନିତ ଅତିଥି ଭାବେ କାର୍ଯ୍ୟକାରୀ ସଦସ୍ୟ ପ୍ରଫେସର ଡ. ମାନସ ରଞ୍ଜନ




ସେନାପତି ଯୋଗ ଦେଇଥିଲେ। କର୍ମଶାଳାରେ ଅତିଥିମାନେ ଆଇଏସ୍‌ଟିଇର ଭୂମିକା, ଆଭିମୁଖ୍ୟ ଓ ବୃତ୍ତିଗତ ବିକାଶ ଦିଗରେ ପଦକ୍ଷେପ ସମ୍ପର୍କରେ ଆଲୋଚନା କରିଥିଲେ। କର୍ମଶାଳାରେ କଲେଜର ଅଧ୍ୟକ୍ଷ ତଥା ଆଇଏସ୍‌ଟିଇ ଫାକଲ୍ଟି ଚାପ୍ଟର ଅଧ୍ୟକ୍ଷ ଡ. ଇତିଶ୍ରୀ ମହାନ୍ତି ଅଧ୍ୟକ୍ଷତା କରିଥିଲେ। ସିନର୍ଜି ଚାପ୍ଟର ନିର୍ଦ୍ଦେଶକ ଡ. ପ୍ରଶାନ୍ତ କୁମାର ନାୟକ ସ୍ୱାଗତ ଭାଷଣ ଦେଇଥିଲେ। ସଂଯୋଜକ ଡ. ସୁନିତା ପଣ୍ଡା ଧନ୍ୟବାଦ ଦେଇଥିଲେ।

# ବିଷ ପିଇ ୨ ଜଣଙ୍କ ମୃତ୍ୟୁ

ଅନୁଗୋଳ,୨୨ା୫(ଅମିତ ସାମଲ)

ଅନୁଗୋଳ ଜିଲାର ବିଭିନ୍ନ ସ୍ଥାନରେ ବିଷ ପାନ କରି ୨ ଜଣଙ୍କ ମୃତ୍ୟୁ ଘଟିଛି। ପୋଲିସ କହିଛି, ବଲାସିଂହା ପଞ୍ଚାୟତ ବାଲି ସାହି ଗ୍ରାମର ଗିରିଶ ସାହୁ (୭୦) କୌଣସି କାରଣରୁ ବିଷ ପିଇ ଦେଇଥିଲେ। ତାଙ୍କୁ ପରିବାର ଲୋକେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଉପସ୍ଥିତିରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ସେହିପରି ଜରପଡା ଥାନା ତୁବେ ଗ୍ରାମର ବ୍ରଜମୋହନ ସାହିର କିଶୋର ବେହେରାଙ୍କ ପୁଅ ନାଉରୀ ବେହେରା (୩୪) ଘରେ ଝଗଡ଼ା ହୋଇ ଘରେ ରଖାଯାଇଥିବା କୀଟନାଶକ ଖାଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ପରିବାର ଲୋକେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସିତ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ପୋଲିସ ଉପସ୍ଥିତିରେ ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ବୋହୂ ପାଇଁ ଭୋଟ ମାଗିଲେ କେପି ସିଂହଦେଓ

ଢେଙ୍କାନାଳ,୨୨ା୫(ରତନ ନାୟାର)

ନିର୍ବାଚନ ପ୍ରଚାରର ଅନ୍ତିମ ପର୍ଯ୍ୟାୟରେ ଢେଙ୍କାନାଳ ବିଧାନସଭା ଆସନର କଂଗ୍ରେସ ପ୍ରାର୍ଥୀ ସୁସ୍ମିତା ସିଂହଦେଓଙ୍କ ପାଇଁ ବୁଧବାର ଅପରାହ୍ନରେ ପ୍ରଚାର କରିଥିଲେ ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ କାମାକ୍ଷା ପ୍ରସାଦ ସିଂହଦେଓ। ସୁସ୍ମିତା ହେଉଛନ୍ତି କାମାକ୍ଷା ପ୍ରସାଦଙ୍କ ପୁତୁରା ବୋହୂ। ସେ ଢେଙ୍କାନାଳ ବିଧାନସଭା ନିର୍ବାଚନମଣ୍ଡଳୀ ଅଧୀନ ଗଁଦିଆ ବ୍ଲକର ଚନ୍ଦ୍ରଶେଖରପୁର ଓ ନେଉଳପୋଇ ଅଞ୍ଚଳ ବୁଲି ସୁସ୍ମିତାଙ୍କ ପାଇଁ ଭୋଟ ମାଗିଥିଲେ। ଏହି ଅବସରରେ ଗଣମାଧ୍ୟମକୁ କାମାକ୍ଷା ପ୍ରସାଦ ସିଂହଦେଓ କହିଲେ, ଲୋକମାନେ ତାଙ୍କୁ ଢେଙ୍କାନାଳରୁ ୬ଥର ଏମ୍‌ପି କରି ପଠାଇଥିଲେ। ଚଳିତ ନିର୍ବାଚନରେ ତାଙ୍କ ବୋହୂ ସୁସ୍ମିତା କଂଗ୍ରେସରୁ ବିଧାନସଭା ପ୍ରାର୍ଥୀ ହୋଇଛନ୍ତି। ତାଙ୍କୁ ସମସ୍ତେ ଆଶୀର୍ବାଦ କରିବା ପାଇଁ କେପି ସିଂହଦେଓ ଲୋକମାନଙ୍କୁ ନିବେଦନ କରିଥିଲେ। ଏହି ପ୍ରଚାର ସମୟରେ ସୁସ୍ମିତାଙ୍କ ସ୍ୱାମୀ ରାଜୀବ ଲୋଚନ ସିଂହଦେଓଙ୍କ ସମେତ ସମର୍ଥକମାନେ ଯାଇଥିଲେ। ଦୀର୍ଘଦିନ ପରେ ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀଙ୍କ ପାଇଁ ବରିଷ୍ଠ କଂଗ୍ରେସ ନେତା କାମାକ୍ଷା ପ୍ରସାଦ ସିଂହଦେଓ ପ୍ରଚାର କରିବା ସାଧାରଣରେ ଆଲୋଚନାର ବିଷୟ ହୋଇଛି।



ଢେଙ୍କାନାଳ ବିଧାନସଭା ଆସନର କଂଗ୍ରେସ ପ୍ରାର୍ଥୀ ସୁସ୍ମିତା ସିଂହଦେଓଙ୍କ ପାଇଁ କଂଗ୍ରେସର ବରିଷ୍ଠ ନେତା କେପି ସିଂହଦେଓ ପ୍ରଚାର କରୁଛନ୍ତି।

# ଢେଙ୍କାନାଳ ଜିଲାରେ ହାତୀ ଗଣନା ଆରମ୍ଭ



ହାତୀ ଗଣନା କାର୍ଯ୍ୟରେ ସାମିଲ ହୋଇଥିବା ବନବିଭାଗ ଅଧିକାରୀ ଓ କର୍ମଚାରୀ।



ଗଛ ଉପରେ ମଞ୍ଚା ପ୍ରସ୍ତୁତ କରାଯାଇଛି।

ଢେଙ୍କାନାଳ,୨୨ା୫(ରତନ ନାୟାର)

- ଦୁଇଦିନ ଧରି ଚାଲିବ
- ୧୦୪ ବିଟ୍‌ରେ ୫୩ ମଞ୍ଚା ପ୍ରସ୍ତୁତ

ଢେଙ୍କାନାଳ ଜିଲାରେ ବୁଧବାରଠାରୁ ହାତୀ ଗଣନା ଆରମ୍ଭ ହୋଇଛି। ଏହା ଦୁଇଦିନ ଧରି ଅନୁଷ୍ଠିତ ହେବ। ୱାଚ୍ ଟାୱାର ଏବଂ ବିଭିନ୍ନ ସ୍ଥାନରେ ଏଥିପାଇଁ ଗଛ ଉପରେ ମଞ୍ଚା ପ୍ରସ୍ତୁତ କରାଯାଇ ହାତୀ ଗଣନା କରାଯାଉଛି। ଜିଲାର ୮ଟି ରେଞ୍ଜ୍‌ର ୧୦୪ଟି ବିଟ୍ ହାଉସରେ ହାତୀ ଗଣନା ହେଉଛି। ଗ୍ରୀଷ୍ମ ପ୍ରବାହ ସମୟରେ ଜଳାଶୟ ଗୁଡିକୁ ହାତୀମାନେ ପାଣି ପିଇବା ପାଇଁ ଏବଂ ଜଳକ୍ରୀଡା କରିବାକୁ ଆସୁଥିବାରୁ ସେହି ସମୟରେ ହାତୀ ଗଣନା କରିବା ପାଇଁ ପ୍ରସ୍ତୁତି ହୋଇଛି। ସେହିପରି ହାତୀ ଚଲାପଥ ଗଡିକରେ ମଧ୍ୟ ଦିନବେଳେ ପାଟ୍ରୋଲିଂ କରି ଗଣନା କରାଯିବ। ଖରାଦିନ ହାତୀ ଗଣନା ପାଇଁ ପ୍ରକୃଷ୍ଟ ସମୟ ବୋଲି ବନବିଭାଗ ସୂତ୍ରରୁ ଜଣାପଡିଛି। ଗଣନା ପରେ ସମସ୍ତ ତଥ୍ୟ ସର୍କଲ ସ୍ତରରେ ଯାଞ୍ଚ କରିବା ପରେ ଏହାକୁ ରାଜ୍ୟସ୍ତରକୁ ପଠାଯିବ। ସେଠାରେ ଯାଞ୍ଚ ଓ ସମୀକ୍ଷା ପରେ ଜୁନ ମାସ ମଧ୍ୟ ଭାଗରେ ହାତୀଙ୍କ ସଂଖ୍ୟା ସମ୍ପର୍କରେ ଜଣାପଡିବ ବୋଲି ଜିଲା ବନଖଣ୍ଡ ଅଧିକାରୀ ସୁମିତ କର ସୂଚନା ଦେଇଛନ୍ତି। ଏଥିପୂର୍ବରୁ ୨୦୧୭ରେ ରାଜ୍ୟରେ ହାତୀ ଗଣନା ହୋଇଥିଲା। ସେହି ସମୟରେ ରାଜ୍ୟରେ ୧୯୭୬ଟି ହାତୀ ଥିବା ଗଣନାରୁ ଜଣାପଡିଥିଲା। ପ୍ରାୟ ୭ବର୍ଷ ପରେ ଚଳିତବର୍ଷ ବୁଧବାରଠାରୁ ହାତୀ ଗଣନା ଆରମ୍ଭ ହେଉଛି। ଢେଙ୍କାନାଳ ଜିଲାରେ ବାହାରୁ ଆସୁଥିବା ହାତୀକୁ ମିଶାଇ ବର୍ତ୍ତମାନ ପ୍ରାୟ ୨୫୦ରୁ ଊର୍ଦ୍ଧ୍ୱ ହାତୀ ଥିବା ଜଣାପଡିଛି।

